# ଅଧ୍ୟାୟ IV

# ଖଣିଜ ଦ୍ରବ୍ୟ ପ୍ରାପ୍ତିଗୁଡ଼ିକର ଆକଳନ ଏବଂ ସଂଗ୍ରହ

# 4 ଖଣିଜ ଦ୍ରବ୍ୟ ପ୍ରାପ୍ତିଗୁଡ଼ିକର ଆକଳନ ଏବଂ ସଂଗ୍ରହ

*ଏହି ଅଧ୍ୟାୟ ଖଣିଜ ପ୍ରାପ୍ତିର ଆକଳନ ଏବଂ ସଂଗ୍ରହ ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଛି । ସମୀକ୍ଷା ପର୍ଯ୍ୟବେକ୍ଷଣରେ ସରକାରୀ କମ୍ପାନୀ / ନିଗମ ଉପରେ ରୟାଲଟି ସହିତ ଅତିରିକ୍ତ ରାଶିର ଅଣ-ଆଦାୟ; ବିଳମ୍ବିତ ରୟାଲଟି ପୈଠ ଉପରେ ସୁଧର ଅଣ-ଆଦାୟ; ଲିଜଧାରୀମାନଙ୍କ ଦ୍ୱାରା ପ୍ରତିବେଦିତ ହୋଇଥିବା ବିକ୍ରୟ କାରବାରର ଯାଞ୍ଚ ନହେବା ଜନିତ ରୟାଲଟିର ସ୍ୱଳ୍ପ ଆକଳନ; ଜବତ ଖଣିଜ ଦ୍ରବ୍ୟର ନିକାଶ ନହେବା ଜନିତ ରାଜସ୍ୱ ଅବରୋଧ; ବେଆଇନ ଉତ୍ତୋଳନ ଜନିତ କ୍ଷତିପୂରଣର ଅଣ-ପ୍ରାପ୍ତି ଏବଂ କ୍ରୋମାଇଟ୍‌ର ବର୍ତ୍ତମାନ ଶ୍ରେଣୀ ବର୍ଗୀକରଣର ସମୀକ୍ଷା ପାଇଁ ପରାମର୍ଶ ଅନ୍ତର୍ଭୁକ୍ତ ରହିଛି ।*

## 4.1 ଉପକ୍ରମ

ସମ୍ପୃକ୍ତ ଖଣି ମଣ୍ଡଳର ଉପ-ଖଣି ନିର୍ଦ୍ଦେଶକ/ ଖଣି ଅଧିକାରୀଙ୍କ ଦ୍ୱାରା ତ୍ରୈମାସିକ ଭିତ୍ତିରେ ଖଣି ଲିଜ୍‌ଧାରୀମାନଙ୍କ ଦ୍ୱାରା ଦେୟ ଯୋଗ୍ୟ ରୟାଲଟିର ଆକଳନ କରିବାକୁ ପଡ଼ିଥାଏ । 1974 ମସିହା ଅଗଷ୍ଟ 9 ତାରିଖର ଓଡ଼ିଶା ସରକାରଙ୍କ ଆଦେଶ ଅନୁସାରେ, ମାସିକ ବିବରଣୀ ଓ ତତ୍ ସହିତ ଲିଜ୍‌ଧାରୀମାନେ ପ୍ରଦାନ କରିଥିବା ରୟାଲଟିର ବିବରଣୀ ପାଇବା ପରେ, ଉପ ଖଣି ନିର୍ଦ୍ଦେଶକ/ ଖଣି ଅଧିକାରୀମାନେ ଉକ୍ତ ବିବରଣୀର ତ୍ରୈମାସିକ ଯାଞ୍ଚ କରିବା ସହିତ ହିସାବ ଓ ଖଣି ଲିଜ୍ ଅଞ୍ଚଳରୁ ବ୍ୟବହୃତ/ ହଟାଯାଇଥିବା ଖଣିଜ ପଦାର୍ଥ ସମ୍ବନ୍ଧୀୟ ଲିଜଧାରୀଙ୍କ ଅନ୍ୟ ପ୍ରାସଙ୍ଗିକ ଦସ୍ତାବିଜର ଯାଞ୍ଚ କରିବା ଆବଶ୍ୟକ ।

ଖଣିଜ ପ୍ରାପ୍ତିଗୁଡ଼ିକର ଆକଳନ ଏବଂ ସଂଗ୍ରହ ସମ୍ବନ୍ଧୀୟ ସମୀକ୍ଷାର ପର୍ଯ୍ୟବେକ୍ଷଣଗୁଡ଼ିକ ନିମ୍ନୋକ୍ତ ଅନୁଚ୍ଛେଦଗୁଡ଼ିକରେ ଆଲୋଚନା କରାଯାଇଛି ।

## 4.2 ରୟାଲଟିର ବିଳମ୍ବିତ ଦେୟ ଉପରେ ସୁଧର ଅଣ-ଆଦାୟ

ଖଣିଜ ଦ୍ରବ୍ୟ ରିହାତି ନିୟମ, 1960 ର ନିୟମ 64 A ଅନୁଯାୟୀ, ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବାକୁ ଥିବା କୌଣସି ଅନାଦେୟ ଭଡ଼ା, ରୟାଲଟି କିମ୍ବା ଦେୟ କିମ୍ବା ଅନ୍ୟାନ୍ୟ ରାଶି ଉପରେ ରାଜ୍ୟ ସରକାର ସ୍ଥିର କରିଥିବା ଧାର୍ଯ୍ୟ ତାରିଖ ଠାରୁ 60 ଦିନର ଅବଧିକୁ ବାଦ୍ ଦେଇ ଦେୟ ପ୍ରଦାନ ତାରିଖ ପର୍ଯ୍ୟନ୍ତ ସମୟ ଉପରେ ବାର୍ଷିକ 24 ପ୍ରତିଶତ ହାରରେ ସରଳ ସୁଧ ଆଦାୟ କରିପାରିବେ । ଓଡ଼ିଶା ସରକାରଙ୍କର ବିଜ୍ଞପ୍ତି (ଅଗଷ୍ଟ 1974) ଅନୁଯାୟୀ ପୂର୍ବ ମାସରେ ଅପସାରିତ ହୋଇଥିବା ସମସ୍ତ ଖଣିଜ ପଥର/ଖଣିଜ ଦ୍ରବ୍ୟର ରୟାଲଟି ଦେବାର ଧାର୍ଯ୍ୟ ତାରିଖ ପ୍ରତ୍ୟେକ ମାସର 15ତମ ଦିବସ ଥିଲା ।

ତିନୋଟି ଖଣି ମଣ୍ଡଳ[50] ଅନ୍ତର୍ଗତ ବିଭିନ୍ନ ଖଣି ସମ୍ବନ୍ଧରେ 2015-22 ବର୍ଷଗୁଡ଼ିକ ପାଇଁ ଆକଳନ ନଥିଗୁଡ଼ିକର ଯାଞ୍ଚରୁ ଜଣାପଡ଼ିଛି ଯେ, 60 ଦିନର ଅନୁଗ୍ରହ ଅବଧିକୁ ମିଶାଇ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ 15ଟି ଖଣି ରୟାଲଟି ଏବଂ ଅତିରିକ୍ତ ରାଶି ପ୍ରଦାନ କରିନାହାନ୍ତି । ବିଳମ୍ବ 04 ରୁ 133 ଦିନ ମଧ୍ୟରେ ରହିଥିଲା ଯେଉଁଥିପାଇଁ 28.66 କୋଟି ଟଙ୍କା ସୁଧ ଆଦାୟ କରିବାକୁ ଥିଲା ଯାହା ***ପରିଶିଷ୍ଟ-XII*** ରେ ସବିଶେଷ ଭାବରେ ଦିଆଯାଇଛି । ତେବେ ସୁଧ ରାଶି ଆଦାୟ ପାଇଁ ଡିଡିଏମ୍ ଦ୍ୱାରା କୌଣସି ପଦକ୍ଷେପ ନିଆଯାଇ ନଥିଲା ।

ଉତ୍ତରରେ, ସରକାର ଦର୍ଶାଇଲେ (ସେପ୍ଟେମ୍ବର 2023) ଯେ, ଆଇବିଏମ୍ ଗୋଟିଏ ମାସର ହାରାହାରି ବିକ୍ରୟ ମୂଲ୍ୟ ତିନି ଏବଂ ଚାରି ମାସ ପରେ ପ୍ରକାଶ କରୁଛି । ତା'ପରେ କେବଳ ମଣ୍ଡଳ କାର୍ଯ୍ୟାଳୟ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଦେୟ ପାଇଁ ଭେଦାତ୍ମକ ରୟାଲଟି ଦାବି କରୁଛି । ପୂର୍ବରୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଭେଦାତ୍ମକ ରୟାଲଟି ପ୍ରଦାନ ନକରିବା କ୍ଷେତ୍ରରେ, ବିଳମ୍ବିତ ଦେୟ ଉପରେ ସୁଧ ଦାବି କରାଯାଉଛି ଏବଂ ଆଦାୟ କରାଯାଉଅଛି । ତଥାପି, ପ୍ରକୃତ କଥା ହେଉଛି ଯେ, ରୟାଲଟିର ବିଳମ୍ବିତ ଦେୟ ଉପରେ ସୁଧ ଆଦାୟ ନକରିବା ପାଇଁ ସରକାର ଲିଜଧାରୀ-ୱାରୀ ତଥ୍ୟ ପ୍ରଦାନ କରିପାରିଲେ ନାହିଁ ।

[50] ଡିଡିଏମ୍, ଯାଜପୁର; ଡିଡିଏମ୍, ଯୋଡ଼ା ଏବଂ ଡିଡିଏମ୍, କୋଇଡ଼ା

## 4.3 ଲିଜଧାରୀମାନଙ୍କ ଦ୍ୱାରା ରିପୋର୍ଟ ହୋଇଥିବା ବିକ୍ରୟ କାରବାରର ଯାଞ୍ଚ ନହେବା ହେତୁ ରୟାଲଟିର ସ୍ୱଳ୍ପ ଆକଳନ

ଅଗଷ୍ଟ 1974 ର ରାଜ୍ୟ ସରକାରଙ୍କ ବିଜ୍ଞପ୍ତି ଅନୁଯାୟୀ, ଖଣି ଲିଜଧାରୀମାନଙ୍କ ଦ୍ୱାରା ପ୍ରଦାନ କରାଯିବାକୁ ଥିବା ରୟାଲଟିର ଆକଳନ ପାଇଁ ଖଣି ଅଧିକାରୀମାନେ ଖଣି ମଣ୍ଡଳରେ ଖଣି ଲିଜଧାରୀମାନଙ୍କ ଦ୍ୱାରା ଦାଖଲ ହୋଇଥିବା ନିର୍ଦ୍ଧାରିତ ରିଟର୍ଣ୍ଣର ଯାଞ୍ଚ କରିବା ଆବଶ୍ୟକ ଏବଂ ପ୍ରଯୁଜ୍ୟ ଅଭିଲେଖ ସହିତ ତାହାର ଯାଞ୍ଚ କରିବା ଆବଶ୍ୟକ ଅଟେ ।

ଖଣି ଲିଜଧାରୀମାନେ ଇସ୍ପାତ ଏବଂ ଖଣି ବିଭାଗର ଆଇ3ଏମ୍ଏସ୍ ସଫ୍ଟୱେୟାରରେ ଅପ୍‌ଲୋଡ୍ ହୋଇଥିବା ବିଭିନ୍ନ ବାର୍ଷିକ ରିଟର୍ଣ୍ଣ (H1 ରିଟର୍ଣ୍ଣ/G1 ରିଟର୍ଣ୍ଣ[51]) ମାଧ୍ୟମରେ ସେମାନଙ୍କ ବିକ୍ରୟ କାରବାର ପ୍ରତିବେଦିତ କରୁଥିଲେ । ବିଭାଗୀୟ ଅଭିଲେଖ ଅନୁଯାୟୀ, ଆଇ3ଏମ୍ଏସ୍ ସଫ୍ଟୱେୟାରକୁ ବାଣିଜ୍ୟିକ ଟ୍ୟାକ୍ସ (ସିଟି) ବିଭାଗର ମୂଲ୍ୟଯୁକ୍ତ ଟିକସ ସୂଚନା ପ୍ରଣାଳୀ (ଭିଏଟିଆଇଏସ୍) ସହିତ ଏକୀଭୂତ କରାଯାଇଅଛି, ଯାହାଦ୍ୱାରା ଆଇ3ଏମ୍ଏସ୍‌ରେ ଲିଜଧାରୀମାନଙ୍କ ଦ୍ୱାରା ପ୍ରତିବେଦିତ ବିକ୍ରୟ କାରବାର ସହିତ ଲିଜଧାରୀମାନଙ୍କ ଟିକସ ଆକଳନ ପାଇଁ ସିଟି ବିଭାଗକୁ ଦାଖଲ କରାଯାଇଥିବା ବିକ୍ରୟ କାରବାର ତଥ୍ୟର ବିଧିସିଦ୍ଧକରଣ କରାଯାଇପାରିବା

ତେବେ, ଦୁଇଟି ଖଣି ମଣ୍ଡଳ (ଯୋଡ଼ା ଏବଂ କୋଇଡ଼ା) ର ନଥିଗୁଡ଼ିକର ଯାଞ୍ଚରୁ ଜଣାପଡ଼ିଲା ଯେ, ଆଇ3ଏମ୍ଏସ୍‌ର ଭିଏଟିଆଇଏସ୍ ସହିତ ଏକୀକରଣ ସତ୍ତ୍ୱେ, ଲିଜଧାରୀମାନଙ୍କ ଟିନ୍ ସଂଖ୍ୟାଗୁଡ଼ିକ (ଯେପରି ଭିଏଟିଆଇଏସ୍‌ରେ ନଥିଭୁକ୍ତ ହୋଇଛି) ଆଇ3ଏମ୍ଏସ୍‌ରେ ନଥିଭୁକ୍ତ କରାଯାଉ ନଥିଲା । ପୁନଶ୍ଚ, ଏହା ମଧ୍ୟ ଦେଖାଗଲା ଯେ, ଦ୍ରବ୍ୟ ଏବଂ ସେବା କର ନେଟ୍‌ୱାର୍କ (ଜିଏସ୍‌ଟିଏନ୍) ସହିତ ଆଇ3ଏମ୍ଏସ୍‌ର ଅନୁରୂପ ଏକୀକରଣ ମାର୍ଚ୍ଚ 2022 ସୁଦ୍ଧା ହୋଇନଥିଲା । ଏହି ଲିଙ୍କେଜ୍ ଅନୁପସ୍ଥିତିରେ, ଖଣିଜ ପଦାର୍ଥର ବିକ୍ରୟ କାରବାର, ଯେପରି ଆଇ3ଏମ୍ଏସ୍‌ରେ ବାର୍ଷିକ ରିଟର୍ଣ୍ଣରେ ଲିଜଧାରୀମାନଙ୍କ ଦ୍ୱାରା ପ୍ରତିବେଦିତ କରାଯାଇଥିଲା ତାହା ଭିଏଟିଆଇଏସ୍‌ର ତଥ୍ୟ (ଡିଲର ରିଟର୍ଣ୍ଣ ସାରାଂଶ ଅନୁଯାୟୀ ଲିଜଧାରୀମାନଙ୍କ ଦ୍ୱାରା ଯେପରି ଦାଖଲ କରାଯାଇଥିଲା) କିମ୍ବା ରୟାଲଟି ଆକଳନ ସମୟରେ ଜିଏସ୍‌ଟିଏନ୍ ତଥ୍ୟ ସହ ଖଣି ଅଧିକାରୀମାନେ ବିଧିସିଦ୍ଧକରଣ କରିପାରିଲେ ନାହିଁ । ଜିଏସ୍‌ଟିଏନ୍‌ରୁ ତଥ୍ୟ ବ୍ୟବହାର କରି ଏଏସ୍‌ପିର ସତ୍ୟତା ଯାଞ୍ଚ କରାଯାଇ ନଥିଲା ଯାହାଫଳରେ ଏଏସ୍‌ପି ଗୋପନୀୟ ରଖିବାର ଏବଂ ନିମ୍ନ ରୟାଲଟିର ବିପଦ ରହିଥିଲା ।

ଏହି ପରିପ୍ରେକ୍ଷୀରେ, ଦୁଇଟି ଖଣି ମଣ୍ଡଳ (ଯୋଡ଼ା ଏବଂ କୋଇଡ଼ା)ର ସାତ ଜଣ ଲିଜଧାରୀଙ୍କ ଦ୍ୱାରା ଆଇ3ଏମ୍ଏସ୍‌ରେ ଦାଖଲ ହୋଇଥିବା ବାର୍ଷିକ ରିଟର୍ଣ୍ଣ (ଏଚ୍1/ଜି1) ଯାଞ୍ଚ କରାଯାଇଥିଲା (ଯେଉଁମାନେ ସିଟି ବିଭାଗ ଦ୍ୱାରା ଜାରି କରାଯାଇଥିବା ସେମାନଙ୍କର ପଞ୍ଜୀକରଣ ପ୍ରମାଣପତ୍ର ଅନୁଯାୟୀ କେବଳ ଖଣିଜ ପଦାର୍ଥ ବ୍ୟବସାୟରେ ନିୟୋଜିତ ଥିଲେ) ଏବଂ 2015-22 ଅବଧି ପାଇଁ ସିଟି ବିଭାଗକୁ ଭାଟ୍/ ଜିଏସ୍‌ଟି ଅଧିନିୟମ ଅନୁଯାୟୀ ଦାଖଲ ହୋଇଥିବା ସେମାନଙ୍କର ବାର୍ଷିକ ରିଟର୍ଣ୍ଣ ସହିତ ଆଇ3ଏମ୍ଏସ୍ ତଥ୍ୟ ପରତାଳ (କ୍ରସ-ଚେକ୍) କରାଯାଇଥିଲା । ଏହା ଦେଖାଗଲା ଯେ, ସମସ୍ତ ସାତଜଣ ଲିଜଧାରୀଙ୍କ କ୍ଷେତ୍ରରେ, ଆଇ3ଏମ୍ଏସ୍‌ରେ ଖଣି ମଣ୍ଡଳରେ ଦାଖଲ ହୋଇଥିବା ରିଟର୍ଣ୍ଣରେ ସେମାନଙ୍କକର ଦ୍ୱାରା ଘୋଷିତ ବିକ୍ରୟ କାରବାର, ଭିଏଟିଆଇଏସ୍/ ଜିଏସ୍‌ଟିଏନ୍‌ରେ ସିଟି ବିଭାଗକୁ ପ୍ରତିବେଦିତ କରାଯାଇଥିବା ବିକ୍ରୟ କାରବାରଠାରୁ ଭିନ୍ନ ଥିଲା । ଏହି ଲିଜଧାରୀମାନଙ୍କର ବିକ୍ରୟ କାରବାର, ସେମାନଙ୍କର ଭାଟ୍/ ଜିଏସ୍‌ଟି ରିଟର୍ଣ୍ଣ ଅନୁଯାୟୀ ଖଣି ମଣ୍ଡଳରେ ଦାଖଲ ହୋଇଥିବା ଏଚ୍1/ଜି1 ବାର୍ଷିକ ରିଟର୍ଣ୍ଣରେ ଦେଖାଯାଇଥିବା ବିକ୍ରୟ କାରବାର ଠାରୁ ଅଧିକ ଥିଲା । ଉଦାହରଣ ସ୍ୱରୂପ, ଆର୍ଥିକ ବର୍ଷ 2019-20ରେ ଲିଜଧାରୀ ମେସର୍ସ ଏସେଲ ମାଇନିଂ ଆଣ୍ଡ ଇଣ୍ଡଷ୍ଟ୍ରିଜ୍ କ୍ଷେତ୍ରରେ ସିଟି ବିଭାଗକୁ ପ୍ରତିବେଦିତ ବିକ୍ରୟ କାରବାର 5561.18 କୋଟି ଟଙ୍କା ଥିଲା । କିନ୍ତୁ, ସମାନ ଲିଜଧାରୀଙ୍କ ଦ୍ୱାରା ଯୋଡ଼ା ଖଣି ମଣ୍ଡଳରେ ଦାଖଲ ହୋଇଥିବା ରିଟର୍ଣ୍ଣରେ ବିକ୍ରୟ ମାତ୍ର 2946.75 କୋଟି ଟଙ୍କା ଦର୍ଶାଯାଇଥିଲା । ଅର୍ଥାତ୍ 2614.43 କୋଟି ଟଙ୍କା କମ୍ ଥିଲା ଯେଉଁଥିରେ ରୟାଲଟି 392.16 କୋଟି ଟଙ୍କା ସହ ଡିଏମ୍ଏଫ୍ ଏବଂ ଏନ୍ଏମ୍ଇଟି ଦେୟ ଯଥାକ୍ରମେ 117.65 କୋଟି ଟଙ୍କା ଓ 7.84 କୋଟି ଟଙ୍କା ଆଦାୟ କରାଯିବାର ଥିଲା ।

---

[51] ଆଇବିଏମ୍ ଦ୍ୱାରା ଲିଜଧାରୀମାନଙ୍କ ପାଇଁ ନିର୍ଦ୍ଧାରିତ ବାର୍ଷିକ ପ୍ରତିବେଦନ ଫର୍ମାଟ୍

ରୟାଲଟି ଦେୟ ପ୍ରତି ସେମାନଙ୍କର ଦାୟିତ୍ୱ ହ୍ରାସ କରିବା ପାଇଁ, ଲିଜଧାରୀମାନେ ସେମାନଙ୍କର ବିକ୍ରୟ କାରବାର କମ୍ କରି ସଂପୃକ୍ତ ଖଣି ସର୍କଲଗୁଡ଼ିକୁ ପ୍ରତିବେଦିତ କରୁଥିବାର ବିପଦର ଏହା ଏକ ସୂଚନା ଥିଲା । ମୋଟ କାରବାରର ଉପଯୁକ୍ତ ଯାଞ୍ଚ ଏବଂ କ୍ରସ ଯାଞ୍ଚ ଆଧାରରେ, ସାତ ଜଣ ଲିଜଧାରୀଙ୍କ କ୍ଷେତ୍ରରେ ରୟାଲଟିର ଆକଳନ ପରିମାଣରେ ନିଅଣ୍ଟ 905.66 କୋଟି ଟଙ୍କା ଥିଲା । ସେହି ଅନୁଯାୟୀ, ଡିଏମ୍ଏଫ୍ ବାବଦକୁ 271.70 କୋଟି (30 ପ୍ରତିଶତ) ଏବଂ ଏନ୍ଏମ୍ଇଟି ବାବଦକୁ 18.11 କୋଟି (2 ପ୍ରତିଶତ) ଦେୟ ମଧ୍ୟ ଆଦାୟ କରିବାର ଥିଲା ଯାହା ସବିଶେଷ ଭାବରେ ***ପରିଶିଷ୍ଟ–XIII*** ରେ ଦର୍ଶାଯାଇଛି । ଏହିପରି, ଆଇ3ଏମ୍ଏସ୍ ସହିତ ଭିଏଟିଆଇଏସ୍/ଜିଏସ୍‌ଟିଏନ୍‌ର ଏକୀକରଣ ହୋଇନଥିବାରୁ ସିଟି ବିଭାଗରେ ଭାଟ୍/ ଜିଏସ୍‌ଟି ଅଧିନିୟମ ଅନୁଯାୟୀ ବାର୍ଷିକ ରିଟର୍ଣ୍ଣରେ ଘୋଷିତ ବିକ୍ରୟ ରିଟର୍ଣ୍ଣ ସହିତ ବିଭାଗ ବାର୍ଷିକ ରିଟର୍ଣ୍ଣ(ଏଚ୍1) ରେ ଘୋଷିତ ବିକ୍ରୟ କାରବାର ଯାଞ୍ଚ କରିପାରିଲେ ନାହିଁ । ଏହିପରି, ଡିଡିଏମ୍‌ଙ୍କ ଦ୍ୱାରା ଏକ ସୂଚକ ପରିମାଣ 1195.47 କୋଟି ଟଙ୍କା ସ୍ୱଳ୍ପ ଆକଳନ କରାଯାଇଥିଲା ଏବଂ ସମ୍ପୃକ୍ତ ଲିଜଧାରୀଙ୍କଠାରୁ ଆଦାୟ ଯୋଗ୍ୟ ଥିଲା ।

ଉତ୍ତରରେ ସରକାର ବ୍ୟକ୍ତ କଲେ (ସେପ୍ଟେମ୍ବର 2023) ଯେ, ଏହା ନିର୍ଦ୍ଦିଷ୍ଟ କରାଯାଇଥିଲା ଯେ, ଲିଜଧାରୀମାନଙ୍କ ଦ୍ୱାରା ଖଣିମଣ୍ଡଳରେ ଦାଖଲ କରାଯାଇଥିବା ରିଟର୍ଣ୍ଣରେ ଘୋଷିତ ବିକ୍ରୟ କାରବାରରେ କେବଳ ରୟାଲଟି ଅଂଶ ରହିଛି । ସିଟି ବିଭାଗରେ ଦାଖଲ ହୋଇଥିବା ପ୍ରତିବେଦନ/ରିଟର୍ଣ୍ଣରେ ରୟାଲଟି, ମୂଲ୍ୟଯୁକ୍ତ ଉତ୍ପାଦର ବିକ୍ରୟ, ସେବା ବିକ୍ରୟ (ବି2ବି) ଏବଂ ଅନ୍ୟାନ୍ୟ କର୍ମ ସମ୍ପାଦନ ଖର୍ଚ୍ଚ ଅନ୍ତର୍ଭୁକ୍ତ । ତେଣୁ, ଆପତ୍ତି ଆଦାୟଯୋଗ୍ୟ ନୁହେଁ ।

ଉତ୍ତରଟି ଗ୍ରହଣୀୟ ନଥିଲା କାରଣ ସମୀକ୍ଷାର ପର୍ଯ୍ୟବେକ୍ଷଣ ଭାଟିସ୍/ ଜିଏସ୍‌ଟିଏନ୍ ସହିତ ଆଇ3ଏମ୍ଏସ୍ ଅଣ-ଏକୀକରଣ ଉପରେ ଥିଲା ଯାହାଦ୍ୱାରା ରୟାଲଟିର ସ୍ୱଳ୍ପ ଆକଳନ କରାଯାଇଥିଲା । ଅଧିକନ୍ତୁ, ସରକାରଙ୍କ ବର୍ତ୍ତମାନର ଉତ୍ତର ପ୍ରସ୍ଥାନ ସମ୍ମିଳନୀରେ ସେମାନଙ୍କର ପୂର୍ବ ଉତ୍ତରର ଅଣ-ନିଶ୍ଚିତକରଣରେ ଅଛି ଯେ ଜିଏସ୍‌ଟିଏନ୍ ସିଷ୍ଟମ ସହିତ ଆଇ3ଏମ୍ଏସ୍ ସିଷ୍ଟମରେ ଲିଜଧାରୀଙ୍କ ଦ୍ୱାରା ଦର୍ଶାଯାଇଥିବା ବିକ୍ରୟ କାରବାର ତଥ୍ୟକୁ ଆଣିବା / ବିଧିସିଦ୍ଧକରଣ କରିବା ପାଇଁ ସରକାର ନିଶ୍ଚିତ କରିବେ । ଅଧିକନ୍ତୁ, ଏହା ମଧ୍ୟ ଲକ୍ଷ୍ୟ କରାଯାଇଥିଲା ଯେ ଭାଟ୍/ ଜିଏସ୍‌ଟି ପଞ୍ଜୀକରଣରେ ଦର୍ଶାଯାଇଥିବା ଏହି ଲିଜଧାରୀଙ୍କ ଏକ ମାତ୍ର ବ୍ୟବସାୟ ହେଉଛି ଲୁହାପଥର ଏବଂ ଲିଜଧାରୀଙ୍କ ଦ୍ୱାରା ଦର୍ଶାଯାଇଥିବା, ଅନ୍ୟ ଉତ୍ପାଦଗୁଡ଼ିକ/ ସେବାଗୁଡ଼ିକର ଉପସ୍ଥିତିକୁ ବ୍ୟାଖ୍ୟା କରିବା ସମ୍ବନ୍ଧୀୟ ଦଲିଲଗୁଡ଼ିକ ଉତ୍ତରରେ ପ୍ରଦାନ କରାଯାଇ ନଥିଲା । ଏହି ପରିପ୍ରେକ୍ଷୀରେ ଏବଂ ଜିଏସ୍‌ଟି ରିଟର୍ଣ୍ଣ ଏବଂ ଆଇ3ଏମ୍ଏସ୍‌ରେ ବାର୍ଷିକ ରିଟର୍ଣ୍ଣ ମଧ୍ୟରେ ଦର୍ଶାଯାଇଥିବା ବିକ୍ରୟ କାରବାର ମଧ୍ୟରେ ଭିନ୍ନତା ହେତୁ, ସମୀକ୍ଷା କୌଣସି ଭରସା କରିପାରିଲା ନାହିଁ ଯେ, ଆଇ3ଏମ୍ଏସ୍‌ରେ ଦର୍ଶାଯାଇଥିବା ବାର୍ଷିକ ରିଟର୍ଣ୍ଣରେ ଲିଜଧାରୀଙ୍କ ଦ୍ୱାରା ସଠିକ୍ ଏବଂ ସମ୍ପୂର୍ଣ୍ଣ ବିକ୍ରୟ କାରବାର ଘୋଷଣା ରହିଛି ।

## 4.4 ଜବତ ହୋଇଥିବା ଖଣିଜ ପଦାର୍ଥର ନିକାଶ ନହେବା ଦ୍ୱାରା ରାଜସ୍ୱ ଅବରୋଧ

ଏମ୍ଏମ୍‌ଡିଆର୍ ଅଧିନିୟମ, 1957 ର ଧାରା 21(4) ଅନୁଯାୟୀ, କୌଣସି ଖଣିଜ ପଦାର୍ଥ ଆଇନଗତ ପ୍ରାଧିକାର ବିନା ଉତ୍ତୋଳନ କିମ୍ବା ପରିବହନକୁ ଏହି ତରଫରୁ ସ୍ୱତନ୍ତ୍ର କ୍ଷମତା ପ୍ରାପ୍ତ ଅଧିକାରୀ ଦ୍ୱାରା ଜବତ କରାଯାଇପାରିବ । ନଭେମ୍ବର 2008 ରେ ଓଡ଼ିଶା ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ନିର୍ଦ୍ଦେଶାବଳୀ ଅନୁଯାୟୀ, ଖଣି ମଣ୍ଡଳ କାର୍ଯ୍ୟାଳୟ ଦ୍ୱାରା ଜବତ ହୋଇଥିବା ଖଣିଜ ପଦାର୍ଥଗୁଡ଼ିକୁ ସଂରକ୍ଷଣ ପ୍ରକ୍ରିୟାକରଣ ଏବଂ ବିକ୍ରୟ ପାଇଁ ତୁରନ୍ତ ଓଏମ୍‌ସିକୁ ହସ୍ତାନ୍ତର କରାଯିବ ।

ଜବତ ମାମଲା ସହ ଜଡ଼ିତ ଚାରିଟି ଡିଡିଏମ୍ (ଯୋଡ଼ା, କୋଇଡ଼ା, ତାଳଚେର, ଯାଜପୁର) ଙ୍କ ନଥିପତ୍ର ଯାଞ୍ଚରୁ ଜଣାଗଲା ଯେ, 2015-22 ମଧ୍ୟରେ ପଞ୍ଜୀକୃତ ହୋଇଥିବା ବେଆଇନ୍ ଭାବେ ଉତ୍ତୋଳିତ/ ପରିବହନ ହୋଇଥିବା ଖଣିଜ ପଦାର୍ଥର 955ଟି ମାମଲାରେ ଜବତ ହୋଇଥିବା ଖଣିଜ ପଦାର୍ଥ ଓଏମ୍‌ସିକୁ ହସ୍ତାନ୍ତର (ଲୁହାପଥର: 36,461.463 ମେଟ୍ରିକ ଟନ୍, ମାଙ୍ଗାନିଜ୍: 1,542.260 ମେଟ୍ରିକ ଟନ୍, କୋଇଲା: 4,655.434 ମେଟ୍ରିକ ଟନ୍ ଏବଂ କ୍ରୋମାଇଟ୍: 465.992) ନହୋଇ ମାର୍ଚ୍ଚ 2022 ସୁଦ୍ଧା ନିକାସ ହୋଇ ନଥିଲା ଯାହାର ମୂଲ୍ୟ 7.94 କୋଟି ଟଙ୍କା[52] ଅଟେ । ନିକାଶ ନହେବାର କାରଣଗୁଡ଼ିକ ନଥିପତ୍ରରେ ଉପଲବ୍ଧ ନଥିଲା । ଜବତ ହୋଇଥିବା ଖଣିଜ

[52] ମାର୍ଚ୍ଚ 2022 ପାଇଁ ଆଇବିଏମ୍ ଦ୍ୱାରା ସୂଚିତ କରାଯାଇଥିବା ବିଭିନ୍ନ ଶ୍ରେଣୀ ମଧ୍ୟରେ ସର୍ବନିମ୍ନ ହାରାହାରି ବିକ୍ରୟ ମୂଲ୍ୟ ଅନୁଯାୟୀ ଗଣନା କରାଯାଇଛି

ପଦାର୍ଥର ନିକାଶରେ ବିଳମ୍ବ ହେତୁ ସରକାରଙ୍କ ଉପାର୍ଜିତ ଯୋଗ୍ୟ ରାଜସ୍ୱ 6.35 କୋଟି ଟଙ୍କା (ଖଣିଜ ମୂଲ୍ୟର 80 ପ୍ରତିଶତ, ଯେହେତୁ ଅବଶିଷ୍ଟ 20 ପ୍ରତିଶତ ପରିଚାଳନା ଖର୍ଚ୍ଚ ଓଏମ୍‌ସି ଦ୍ୱାରା ରଖାଯିବ) ଅବରୋଧ ହୋଇଥିଲା । ଏହା ଦ୍ୱାରା ଖଣିଜ ପଦାର୍ଥର ଚୋରୀ ଏବଂ ଗୁଣବତ୍ତାରେ ଅବନତିର ଆଶଙ୍କା ମଧ୍ୟ ରହିଥିଲା ।

ଉତ୍ତରରେ, ସରକାର ବ୍ୟକ୍ତ କଲେ (ସେପ୍ଟେମ୍ବର 2023) ଯେ, ଡିଡିଏମ୍, କୋଇଡ଼ା ପାଇଁ ମେସର୍ସ ଜିଏମ୍ (ବିକ୍ରୟ), ଓଏମ୍‌ସିକୁ ଏବଂ ଅନ୍ୟ କାର୍ଯ୍ୟାଳୟ ପାଇଁ ଓଏମ୍‌ସିକୁ ଜବତ ଖଣିଜ ପଦାର୍ଥଗୁଡ଼ିକୁ ନିଜ ଦଖଲକୁ ନେବାକୁ ଅନୁରୋଧ କରାଯାଇଛି । ଖଣିଜ ପଦାର୍ଥର ମାସିକ ବିକ୍ରୟ ସମୟରେ ଓଏମ୍‌ସି ଲିମିଟେଡ୍ ଦ୍ୱାରା ଏହିପରି ଜବତ ଖଣିଜ ପଦାର୍ଥର ନିକାଶ କରାଯାଉଛି । ଅଥଚ, ତଥ୍ୟ ଏହା ଯେ, ସମୀକ୍ଷା ପର୍ଯ୍ୟବେକ୍ଷଣ ପରେ ହିଁ ସରକାର ଜବତ ହୋଇଥିବା ସମସ୍ତ ଖଣିଜ ପଦାର୍ଥର ନିକାଶ ପ୍ରକ୍ରିୟା ଆରମ୍ଭ କରିଥିଲେ । ଏହା ଜବତ ହୋଇଥିବା ଖଣିଜ ପଦାର୍ଥର ଠିକ୍ ସମୟରେ ନିକାଶ ପାଇଁ ବିଭାଗ ସ୍ତରରେ ପର୍ଯ୍ୟାଲୋଚନାର ଅଭାବକୁ ସୂଚାଇଥାଏ ।

## 4.5 ବେଆଇନ୍ ଉତ୍ତୋଳନ ପାଇଁ କ୍ଷତିପୂରଣର ଅଣ-ଆଦାୟ

ଏମ୍‌ଏମ୍‌ଡିଆର୍ ଅଧିନିୟମ, 1957 ର ଧାରା 21(5) ଅନୁଯାୟୀ, ଯଦି କୌଣସି ବ୍ୟକ୍ତି ଆଇନଗତ ଅଧିକାର ବିନା କୌଣସି ଜମିରୁ ଖଣିଜ ପଦାର୍ଥ ଉତ୍ତୋଳନ କରନ୍ତି, ତେବେ ରାଜ୍ୟ ସରକାର ଏପରି ବ୍ୟକ୍ତିଙ୍କଠାରୁ ଉତ୍ତୋଳନ କରିଥିବା ଖଣିଜ ପଦାର୍ଥ କିମ୍ବା ଯେଉଁଠାରେ ଏପରି ଖଣିଜ ପଦାର୍ଥ ନିକାଶ ହୋଇଯାଇଛି, ସେହି ବ୍ୟକ୍ତିଙ୍କ ଠାରୁ ତାହାର ମୂଲ୍ୟ ଏବଂ ରୟାଲଟି, ସେହି ଅବଧି ପାଇଁ ଆଦାୟ କରିବେ ଯେଉଁ ଅବଧିରେ ସେହି ଜମି ସେହି ବ୍ୟକ୍ତିଙ୍କ ଦ୍ୱାରା ବେଆଇନ୍ ଭାବରେ ଦଖଲ କରାଯାଇଥିଲା ।

### 4.5.1 ଲୁହାପଥର ଏବଂ ମାଙ୍ଗାନିଜ ଖଣିର ବେଆଇନ୍ ଉତ୍ତୋଳନ ପାଇଁ କ୍ଷତିପୂରଣ

ନଥିପତ୍ର ଗୁଡ଼ିକର ଯାଞ୍ଚରୁ ଜଣାଗଲା ଯେ, ମାନ୍ୟବର ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶ (ଅଗଷ୍ଟ 2017) ଅନୁଯାୟୀ ଓଡ଼ିଶାରେ ବେଆଇନ୍ ଖଣି ଖନନ ପରିପ୍ରେକ୍ଷୀରେ ସାତଟି[53] ଖଣି ସର୍କଲର ଡିଡିଏମ୍‌ମାନେ 144 ଲୁହା ଏବଂ ମାଙ୍ଗାନିଜ୍ ଖଣିଗୁଡ଼ିକରେ 2000-11 ବର୍ଷ ମଧ୍ୟରେ ଖଣି ଖନନ ପାଇଁ 21,427.28 କୋଟି ଟଙ୍କାର ଦାବି କରିଥିଲେ । ଏଥି ମଧ୍ୟରୁ 106 ଲିଜଧାରୀଙ୍କଠାରୁ 16,350.90 କୋଟି ଟଙ୍କା ଆଦାୟ କରାଯାଇଥିଲା ଏବଂ ମାର୍ଚ୍ଚ 2022 ସୁଦ୍ଧା ବଳକା 5,076.38 କୋଟି ଟଙ୍କା ଆଦାୟ ହୋଇନଥିଲା ।

ସରକାର ଉତ୍ତରରେ କହିଲେ (ସେପ୍ଟେମ୍ବର 2023) ଯେ, ଉଚ୍ଚତମ ନ୍ୟାୟାଳୟର ରାୟ (ଅଗଷ୍ଟ 2017) ଅନୁଯାୟୀ, ଇପିଏ/ ଏଫ୍‌ସିଏ ଅଧିନରେ ଲୁହା ଏବଂ ମାଙ୍ଗାନିଜ୍ ଖଣି ଅନୁମତିପ୍ରାପ୍ତ ସୀମାଠାରୁ ଅଧିକ ଉତ୍ତୋଳନ କରିବା ଦ୍ୱାରା ରାଜ୍ୟ ସରକାର ଏମ୍‌ଏମ୍‌ଡିଆର୍ ଅଧିନିୟମ, 1957 ର ଧାରା 21(5) ଅନୁଯାୟୀ ଦାବି ଉପସ୍ଥାପନ କରିଥିଲେ । ଦସ୍ତାବିଜ୍‌ଗୁଡ଼ିକର ଯାଞ୍ଚ ପରେ ଦେଖାଗଲା ଯେ, 26 ଟି ଲୌହ ଏବଂ ମାଙ୍ଗାନିଜ୍ ଖଣି ଲିଜଧାରୀ 3308.35 କୋଟି ଟଙ୍କାର କ୍ଷତିପୂରଣ ଦାବିରୁ 2,965.29 କୋଟି ଟଙ୍କା କ୍ଷତିପୂରଣ ଦାବି ପ୍ରଦାନ କରିନାହାଁନ୍ତି । ଲୁହା ଏବଂ ମାଙ୍ଗାନିଜ୍ ଲିଜ୍ ପାଇଁ 26 ଖିଲାପକାରୀ ଲିଜଧାରୀଙ୍କ ବିରୁଦ୍ଧରେ ସଂପୃକ୍ତ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟମାନେ ଓପିଡିଆର୍ ଅଧିନିୟମ, 1962 ଅନୁଯାୟୀ ସାର୍ଟିଫିକେଟ କେସ୍ କରିଛନ୍ତି, ଯାହା ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ ଏବଂ ପ୍ରଯୁଜ୍ୟ ସୁଧ ସହ ଆଦାୟ ପାଇଁ ସମ୍ପୃକ୍ତ ଅଧିକାରୀମାନେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି ।

ଯଦିଓ ସରକାର ସମୀକ୍ଷା ପର୍ଯ୍ୟବେକ୍ଷଣକୁ ଗ୍ରହଣ କରିଛନ୍ତି, କିନ୍ତୁ ଭୁବନେଶ୍ୱର ଖଣି ନିର୍ଦ୍ଦେଶକଙ୍କ ରିପୋର୍ଟ ଅନୁଯାୟୀ 5076.38 କୋଟି ଟଙ୍କା ଆଦାୟ ହୋଇନାହିଁ । ଅଧିକନ୍ତୁ, ପ୍ରକୃତ କଥା ହେଉଛି ଯେ ଲୁହା ଏବଂ ମାଙ୍ଗାନିଜ୍ ପଥର ଖଣିର ବେଆଇନ୍ ଉତ୍ତୋଳନର କ୍ଷତିପୂରଣ ହାସଲ ବହୁ ବର୍ଷ ଧରି ପଡ଼ିରହିଛି । ଏହା ଲୁହା ଏବଂ ମାଙ୍ଗାନିଜ ଖଣିର ବେଆଇନ୍ ଉତ୍ତୋଳନର କ୍ଷତିପୂରଣ ସଂଗ୍ରହ ପାଇଁ ପର୍ଯ୍ୟାଲୋଚନା ବ୍ୟବସ୍ଥାର ଅଭାବକୁ ସୂଚିତ କରୁଛି ।

---

[53] ଯୋଡ଼ା, କୋଇଡ଼ା, ଯାଜପୁର ରୋଡ, କୋରାପୁଟ, କେଉଁଝର, ବାରିପଦା ଏବଂ ବଲାଙ୍ଗିର

### 4.5.2 କ୍ରୋମାଇଟର ବେଆଇନ୍ ଉତ୍ତୋଳନ ପାଇଁ କ୍ଷତିପୂରଣ ଦାବି

ଡିଡିଏମ୍, ଯାଜପୁରଙ୍କ ଦସ୍ତାବିଜ୍‌ଗୁଡ଼ିକର ଯାଞ୍ଚରୁ ଜଣାଗଲା ଯେ, 11 ଜଣ ଲିଜଧାରୀଙ୍କ ବେଆଇନ୍ ଖନନ ବିରୋଧରେ 3,091.18 କୋଟି ଟଙ୍କାର କ୍ଷତିପୂରଣ ଦାବି (ଅପ୍ରେଲ 2028) ବାବଦରେ ଛଅ ଜଣ ଲିଜଧାରୀଙ୍କ ଠାରୁ 2,437.28 କୋଟି ଟଙ୍କା ହାସଲ କରାଯାଇଛି । ଅନ୍ୟ ପାଞ୍ଚ ଜଣ ଲିଜଧାରୀ 653.90 କୋଟି ଟଙ୍କାର ଦାବି ପୈଠ କରିନାହାନ୍ତି ଏବଂ ପୁନରୀକ୍ଷଣ କର୍ତ୍ତୃପକ୍ଷଙ୍କଠାରୁ ସ୍ଥଗିତାଦେଶ ଆଣିଛନ୍ତି (ମଇ 2018) । ଚାରି ବର୍ଷ ବିତିଯାଇଥିଲେ ମଧ୍ୟ ସ୍ଥଗିତାଦେଶ ଉଠାଇବା ପାଇଁ ମାମଲାର ସ୍ଥିତି ଜାଣିବା କିମ୍ବା ଉପଯୁକ୍ତ ଅଦାଲତରେ ମାମଲା ଦାୟର କରିବା ପାଇଁ ରାଜ୍ୟ ସରକାର ସମ୍ପୃକ୍ତ ଡିଡିଏମ୍‌ମାନଙ୍କୁ ନିର୍ଦ୍ଦେଶ ଦେବା ପାଇଁ କୌଣସି ଆବଶ୍ୟକୀୟ ପଦକ୍ଷେପ ନେଇନାହାନ୍ତି ।

ଏହାର ଉତ୍ତରରେ, ସରକାର ବ୍ୟକ୍ତ କଲେ (ସେପ୍ଟେମ୍ବର 2023) ଯେ, ଲିଜଧାରୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ମାମଲାଗୁଡ଼ିକ ପୁନରୀକ୍ଷଣ କର୍ତ୍ତୃପକ୍ଷଙ୍କ ସ୍ତରରେ ବିଚାରାଧୀନ ଅଛି । ମାମଲା ଶେଷ ହେବା ପର୍ଯ୍ୟନ୍ତ ଉକ୍ତ ଲିଜଧାରୀଙ୍କ ବିରୋଧରେ କୌଣସି ବାଧ୍ୟତାମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାକୁ ପୁନରୀକ୍ଷଣ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଇଛନ୍ତି ।

ଉତ୍ତରଟି ଗ୍ରହଣୀୟ ନୁହେଁ କାରଣ ଏହି ମାମଲା ବହୁ ବର୍ଷରୁ ବିଚାରାଧୀନ ଅଛି ଏବଂ ସରକାର ସ୍ଥଗିତାଦେଶକୁ ବାତିଲ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିନାହାନ୍ତି ।

**ସୁପାରିଶ:**

**ସରକାର:**

7. **ଆଇ3ଏମ୍‌ଏସ୍‌ରେ ଲିଜଧାରୀଙ୍କ ଦ୍ୱାରା ବିକ୍ରୟ କାରବାରର କମ୍ ରିପୋର୍ଟ ଦେବା ଉପରେ ଅନୁସନ୍ଧାନ କରିବା ଉଚିତ୍ ।**
8. **ସୂଚନାର ପ୍ରତି-ବିଧିସିଦ୍ଧକରଣ ଏବଂ ରୟାଲଟିର ସଠିକ ପ୍ରାପ୍ୟର ଆକଳନ ପାଇଁ ଆଇ3ଏମ୍‌ଏସ୍ ସହିତ ଜିଏସ୍‌ଟିଏନ୍‌ର ଏକୀକରଣ ସୁନିଶ୍ଚିତ କରିବା ଆବଶ୍ୟକ । ଅଧିକନ୍ତୁ, ଖଣି ମନ୍ତ୍ରଣାଳୟ ସହିତ ସମନ୍ୱୟ ରକ୍ଷା କରି ରୟାଲଟିର ଆକଳନ ବ୍ୟବସ୍ଥାରେ ଜିଏସ୍‌ଟି ରିଟର୍ଣ୍ଣରେ ଦର୍ଶାଯାଇଥିବା କାରବାରକୁ ଏକୀକରଣ କରିବାର ସମ୍ଭାବନା ମଧ୍ୟ ସରକାର ଅନୁସନ୍ଧାନ କରିବା ଉଚିତ୍ ।**
9. **ଆଇବିଏମ୍ ସହିତ କ୍ରୋମାଇଟ୍ ପାଇଁ ବିଦ୍ୟମାନ ଶ୍ରେଣୀ ବର୍ଗୀକରଣକୁ ସମୀକ୍ଷା କରିବା, ବିଭିନ୍ନ କ୍ରୋମାଇଟ୍ ($Cr_2O_3$) ପରିମାଣ ଥିବା ଖଣିଜର ହାରାହାରି ବିକ୍ରୟ ମୂଲ୍ୟ ପ୍ରକାଶନ ପାଇଁ ଅଧିକ ଉପଯୁକ୍ତ ଶ୍ରେଣୀ ବନ୍ଧନୀ ପ୍ରସ୍ତୁତ କରିବା ପାଇଁ ସରକାର ପଦକ୍ଷେପ ଗ୍ରହଣ କରିବା ଉଚିତ୍, ଯାହାଦ୍ୱାରା ରୟାଲଟିରେ ପ୍ରକୃତ ବଜାର ମୂଲ୍ୟ ପ୍ରତିଫଳିତ ହେବ ।**